ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ମେ, ୨୦୨୧



## ସୁନ୍ଦରଗଡ଼ ଜିଲ୍ଲା: ୨୪ ଘଣ୍ଟାରେ ୮୧୯ ପଜିଟିଭ

ସୁନ୍ଦରଗଡ,(ଡି.ଏନ.ଏ.): ସୁନ୍ଦରଗଡ ଜିଲାରେ ଗତ ୨୪ ଘଣ୍ଟାରେ ୮୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ରାଉରକେଲା ସହରରେ ସର୍ବାଧିକ ୩୫୨ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାଛଡା ସୁନ୍ଦରଗଡ ସହରରେ ୭୯ ପଜିଟିଭ, ଲହୁଣୀପଡାରେ ୮୯, ନୂଆଗାଁରେ ୫୧, ସବଡେଗାରେ ୪, ହେମଗିରରେ ୭, ବିଶ୍ରାରେ ୨୭ ,ବାଲିଶଙ୍କରାରେ ୭, ବଣାଇରେ ୨୭ ପଜିଟିଭ ଚିହ୍ନଟ ହୋଇଛନ୍ତ । ସେହିପରି କୁଆଁରମୁଣ୍ଡାରେ ୧୫, ଲାଠିକଟାରେ ୧୧ ,ରାଜଗାଙ୍ଗପୁରରେ ୨୭, ଟାଙ୍ଗରପାଲିରେ ୩୩,ବୀରମିତ୍ରପୁରରେ ୨,ବଡଗାଁରେ ୧୮, ଗୁରୁଣ୍ଡିଆରେ ୩୧,କୁତ୍ରାରେ ୩, ଲେଫ୍ରିପଡାରେ ୪୫, ସଦରରେ ୪୬ ଓ କୋଇଡାରେ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି ।

## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ



ନାକଟିଦେଉଳ,୧୮।୫(ଡି.ଏନ.ଏ.): ନାକଟିଦେଉଳ ଥାନା କେଲୋବେର୍ଣ୍ଣି ଗ୍ରାମରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ରିଆମାଳ ଥାନା କାଲିଆଖମାର ଗ୍ରାମର ଦିବାକର ବାଦିଲ। ଗତ ୩ ତାରିଖରେ କେଲୋବେର୍ଣ୍ଣି ଗ୍ରାମର ଧନୁ ଧଳ ଘର ବାରଣ୍ଡାରେ ହିରୋହୋଣ୍ଡା ବାଇକ (ନଂ.ଓଡ଼ି୧୫ଏନ୩୦୮୬) ରଖିଥିଲେ। ହେଲେ ସକାଳୁ ବାଇକ୍ ନ ଥିବା ଦେଖି ସେ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଗତ ୧୭ତାରିଖରେ ଦିବାକର ଦେବଗଡ଼ ଜିଲା ନୂଆଗାଁ ଅଞ୍ଚଳରେ ଉକ୍ତ ବାଇକ୍‌ରେ ବୁଲୁଥିବା ଖବର ପାଇ ନାକଟିଦେଉଳ ପୋଲିସ ପହଞ୍ଚି ବାଇକ୍ ଜବତ କରି ତାଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଦିବାକରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଧର୍ମେନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।

### ପୁଣି ଏକ ବେଆଇନ କ୍ଲିନିକ୍ ସିଲ୍

କୁତ୍ରା,୧୮।୫(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ବଜାରରେ ଥିବା ଏକ କ୍ଲିନିକକୁ ମଙ୍ଗଳବାର ପ୍ରଶାସନ ସିଲ୍ କରିଛି। ରମେଶ ସିଂ ନାମକ ଜଣେ ବ୍ୟକ୍ତି ଏହି କ୍ଲିନିକ ଖୋଲି ଦୀର୍ଘ ବର୍ଷ ଧରି ଚିକିତ୍ସା ଜାରି ରଖିଥିଲେ। କରୋନା ସମୟରେ ମଧ ସେ ଲୋକଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଆଧାରରେ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଓ ପୋଲିସ ମିଳିତ ଭାବେ ଚଢାଉ କରି କ୍ଲିନିକକୁ ସିଲ୍ କରିଛନ୍ତି। କୁତ୍ରା ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ସଚେତନତାର ଅଭାବ ଯୋଗୁ ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ଭରସାରେ ଚାଲିଛି ଚିକିତ୍ସା । ଏହାଛଡା ଗ୍ରାମାଞ୍ଚଳରେ ବହୁ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହେଉଥିବା ଜଣାଯାଇଛି । ଏହାର ଫାଇଦା ନେବାକୁ କ୍ୱାକ ଆଗେଇ ଆସିଛନ୍ତି । ଅଞ୍ଚଳରେ କ୍ୱାକ୍‌ମାନେ ବର୍ତ୍ତମାନ ଜ୍ୱର,ସର୍ଦ୍ଦି, କାଶ ଚିକିତ୍ସା ନାଁରେ ଲୋକଙ୍କୁ ଭୁଆଁ ବୁଲେଇବାରେ ଲାଗିଛନ୍ତି । ସରଳ ଆଦିବାସୀ ଲୋକେ ଏହି କ୍ୱାକ୍‌ମାନଙ୍କ ଚିକିତ୍ସାକୁ ଭରସା କରି ରହି ଯାଉଛନ୍ତି । ପରବର୍ତ୍ତୀ ଅବସ୍ଥାରେ କରୋନାରେ ସଂକ୍ରମିତ ହେଉଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ହେବ କୁତ୍ରା ପୋଲିସ ଓ ତହସିଲ ପକ୍ଷରୁ ଚଢାଉ କରାଯାଇ ପଞ୍ଚରାରେ ଜଣେ କ୍ୱାକ୍‌ଙ୍କ କ୍ଲିନକ ଓ କୁତ୍ରା ବଜାର ଅଞ୍ଚଳରେ ଥିବା ବିଶ୍ୱାସ କ୍ଲିନିକକୁ ସିଲ୍ କରିଥିଲେ । ତେବେ କୁତ୍ରା ବ୍ଲକ ଅଞ୍ଚଳରେ ଏଭଳି ଗୋଟିଏ କି ଦୁଇଟି ନୁହେଁ ଖଡକୁରବାହାଲ, ବଡ଼ମାଲ, ବିହାବନ୍ଧ, ଗଙ୍ଗାଜଳ,କିରିଙ୍ଗସେରା, ପୂର୍କାପାଲି ପ୍ରଭୃତି ସ୍ଥାନରେ ଏଭଳି ବେଆଇନ ଚିକିତ୍ସା ଚାଲିଛି । ତେଣୁ ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

### ମହୁଲ ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

ଦେବଗଡ, ୧୮।୫ (ଡି.ଏନ.ଏ.): ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ସୋମବାର ରାତିରେ ବେଆଇନ ମହୁଲ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ବାରକୋଟ ଥାନା ଗୋପପୁର ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଟ୍ରକ (ନଂ.ଓଆର୧୪ଏଲ୍-୧୭୧୯)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉକ୍ତ ଟ୍ରକରେ ୧୬ କୁଇଣ୍ଟାଲ ମହୁଲ ଥିବା ଜଣାପଡିଥିଲା । ଟ୍ରକ୍ ଚାଳକ ମହୁଲ ବାବଦରେ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ମହୁଲ ଏବଂ ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ବେଆଇନ ଭାବେ ମହୁଲ ବୋଝେଇ ଟ୍ରକ୍ ଢେଙ୍କାନାଳ ଜିଲାରୁ ସୁନ୍ଦରଗଡ ଜିଲା ବଡଗାଁ ଅଞ୍ଚଳକୁ ଯାଉଥିବା ପଚରାଉଚରା ବେଳେ ଜଣାପଡ଼ିଛି। ବେଆଇନ ମହୁଲ କାରବାରରେ ଟ୍ରକ୍ ମାଲିକ ୨ଜଣ ବିରୋଧରେ ପୋଲିସ ମାମଲା ରୁଜୁ ତଦନ୍ତ ଚଳାଇଛି। ଟ୍ରକ୍ ମାଲିକ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ କୁସୁମୀ ଅଞ୍ଚଳର ଓ ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।



# ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଝାରସୁଗୁଡ଼ା ଅଫିସ,୧୮।୫

ଝାରସୁଗୁଡ଼ା ବଞ୍ଜାରୀସ୍ଥିତ ଷ୍ଟେର୍‌ଲାଇଟ୍ କମ୍ପାନୀର ଶ୍ରମିକମାନେ ଦରମା ବୃଦ୍ଧି ଦାବିରେ ଗତ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। କମ୍ପାନୀ ଫାଟକ ସମ୍ମୁଖରେ ସେମାନେ ଧାରଣା ଦେଇଥିଲେ ମଧ ମଙ୍ଗଳବାର ପର୍ଯ୍ୟନ୍ତ କମ୍ପାନୀର କୌଣସି ଅଧିକାରୀ ଆଲୋଚନା ପାଇଁ ପହଞ୍ଚି ନ ଥିଲେ। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢିଥିଲା। ଖବରପାଇ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ଧାରଣାସ୍ଥଳରେ ପହଞ୍ଚି କୋଭିଡ୍ ସମୟରେ ଏଭଳି ଆନ୍ଦୋଳନ ବେଆଇନ ବୋଲି କହି ଏଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ। ଯଦି ଏଭଳି ଆନ୍ଦୋଳନ ଜାରି ରଖିବ ତା'ହେଲେ ତୁମମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇଥିଲେ। ଫଳରେ ଶ୍ରମିକମାନେ ଭୟଭୀତ ହୋଇ ଆନ୍ଦୋଳନରୁ ଓହରି ଯାଇଥିଲେ।

କମ୍ପାନୀ ଅଧିକାରୀ ଶୈଳେଶ ଶର୍ମା କହିଛନ୍ତି, ଶ୍ରମିକଙ୍କ ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିଦେଇଛନ୍ତି। କରୋନା ପାଇଁ ବର୍ତ୍ତମାନ ପରିସ୍ଥିତିରେ ଶ୍ରମିକଙ୍କ ଦରମା ବୃଦ୍ଧି ହେବା ସମ୍ଭାବନା ନାହିଁ। ଅନ୍ୟପକ୍ଷେ ଶ୍ରମିକଙ୍କ କହିବା କଥା ଦୀର୍ଘବର୍ଷ ହେଲାଣି ଷ୍ଟେର୍‌ଲାଇଟ୍ କମ୍ପାନୀରେ ନିୟୋଜିତ ହୋଇଥିବା ବାମନ ଇଞ୍ଜିନିୟରିଂ ଲିଃ ନାମକ ଠିକାସଂସ୍ଥାରେ ସେମାନେ କାମ କରିଆସୁଛନ୍ତି। ହେଲେ ସେମାନଙ୍କୁ ଠିକାସଂସ୍ଥା କମ୍ ଦରମା ଦେଇଆସୁଛି। ବଜାରରେ ଦରଦାମ ବୃଦ୍ଧି ହେବାରେ ଲାଗିଛି । କିନ୍ତୁ କମ୍ପାନୀ ଦରମା ବୃଦ୍ଧି କରୁନାହିଁ। ଫଳରେ ସେମାନେ କମ୍ ଦରମାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଠାରେ କାମ ନ କରି ଫାଇନାଲ୍ ହିସାବ ନେଇ ଚାଲିଯିବା ପାଇଁ ଚାହୁଁଥିବାବେଳେ ଏଥିରେ କମ୍ପାନୀ ବାଧକ ସାଜୁଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ନିଜର ଦାବି ସମ୍ପର୍କରେ ଜିଲାପାଳ, ଏସ୍‌ପି ଓ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଫେରାଦ ହେବେ ବୋଲି କହିଛନ୍ତି। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସେମାନେ ଆଇନ ହାତକୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



କମ୍ପାନୀ ଫାଟକ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଦରମା ବୃଦ୍ଧି ଦାବି**

- କୋଭିଡ୍ ସମୟରେ ଆନ୍ଦୋଳନରୁ ନିବୃତ୍ତ ହେବା ପାଇଁ କହିଲେ ଥାନା ଅଧିକାରୀ
- ଦାବି ପୂରଣ ନ ହେଲେ ଆଇନ ହାତକୁ ନେଇ ଆନ୍ଦୋଳନ ଚେତାବନୀ

# କ୍ୱାକ୍‌ଙ୍କ କ୍ଲିନିକ ସିଲ୍ କଲା ପ୍ରଶାସନ

ବଡଗାଁ,୧୮।୫(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବାରୁ ଚିକିତ୍ସିତ ବ୍ୟକ୍ତି ଅନେକ ସମୟରେ ଗମ୍ଭୀର ସମସ୍ୟାରେ ପଡୁଥିବା ଦେଖାଯାଉଛି । ଧରିତ୍ରୀରେ 'କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା' ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ମଙ୍ଗଳବାର ମଧ୍ୟାହ୍ନରେ ତହସିଲଦାର ସରୋଜ କୁମାର ପୃଷ୍ଟେ, ଅତିରିକ୍ତ ତହସିଲଦାର ବିନୟ କୁଲୁ ପୋଲିସ ସହିତ ଯାଇ ପାମରା ଗ୍ରାମରେ ନାରଦ ବିଶ୍ୱାସ ଖୋଲିଥିବା କ୍ଲିନିକକୁ ସିଲ୍ କରି ଦେଇଛନ୍ତି। ପ୍ରକାଶ ଯେ, ପ୍ରାୟ ୨୦ ବର୍ଷ ହେଲା ନାରଦ କଲିକତାରୁ ଆସି ପାମରା ଗ୍ରାମରେ ତାଙ୍କର କ୍ଲିନିକ ଖୋଲିଥିଲେ। ସେ ଆଦିବାସୀ ଓ ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ ଚିକିତ୍ସା ନାଁରେ ଶୋଷଣ କରୁଥିଲେ । ତାଙ୍କ କ୍ଲିନିକ ଉପରେ ପୂର୍ବରୁ ଚଢାଉ କରାଯାଇ ନ ଥିବାରୁ ଲୋକମାନେ ତାଙ୍କ ପାଖକୁ ଆସି ଚିକିତ୍ସିତ ହେଉଥିଲେ । ସେହିପରି ସାହାଜବାହାଲ ଗ୍ରାମରେ ଅନ୍ୟ ଜଣେ କ୍ୱାକ୍ ଘରେ ଖୋଲିଥିବା କ୍ଲିନିକ ଉପରେ ଚଢାଉ ହୋଇଥିଲା । ତାଙ୍କୁ ମଧ କ୍ଲିନିକ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବଡଗାଁ ଅଞ୍ଚଳର କେତେକ ଗ୍ରାମରେ କ୍ୱାକ୍‌ମାନେ କ୍ଲିନିକ ଖୋଲିବା ସହ ଗାଁ ଗାଁ ବୁଲି ରୋଗୀକୁ ଭଲ କରିଦେବା ଆଶ୍ୱାସନା ଦେବା ସହ କମ୍ ମୂଲ୍ୟର ଔଷଧ, ଇଞ୍ଜେକସନ ଦେଇ ଅଧିକ ମୂଲ୍ୟ ନେଉଥିବା ଅଭିଯୋଗ ହେଉଛି ।

# ସାପ କାମୁଡ଼ାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଲହୁଣୀପଡା,୧୮।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁରଲୀଧର ଡାଙ୍ଗୁଆ (୪୮)। ସୂଚନା ଅନୁଯାୟୀ ଗ୍ରାମର ମୁରଲୀଧର ଓ ତାଙ୍କ ସ୍ତ୍ରୀ ଅହଲ୍ୟା ଡାଙ୍ଗୁଆ (୪୫) ସୋମବାର ରାତିରେ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ଏକ ସାପ କାମୁଡିବାରୁ ସେମାନେ ଗୁରୁତର ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ବଣାଇ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ସେଠାରେ ମୁରଲୀଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅହଲ୍ୟା ଚିକିତ୍ସାଧୀନ ଅଛନ୍ତି। ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ତାରକେଶ୍ୱର ବାବାଙ୍କ ଥାଳ ଉଠିଲା



ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ଥାଳ ଉଠାଯାଉଛି।

ସମ୍ବଲପୁର,୧୮।୫(ବ୍ୟୁରୋ)

ସମ୍ବଲପୁର ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ଥାଳଉଠା ନୀତି କୋଭିଡ୍ କଟକଣାରେ ସମ୍ପନ୍ନ ହୋଇଛି। ମନ୍ଦିର ପରିସରରେ ପଣ୍ଡିତ ସୁଶାନ୍ତ ସାହୁ ପୂଜାର୍ଚ୍ଚନା କରିଥିଲେ। କନ୍ୟା ମାତାପିତା ସନ୍ତୋଷ କେଡିଆ ସହଧର୍ମିଣୀ ଶୀତଲ ଓ ବର ମାତାପିତା ପରମାଣପୁରର ସମୀର ରଞ୍ଜନ ନାଥ ସ୍ତ୍ରୀ ରିତା ଉପସ୍ଥିତ ରହିଥିଲେ। ଫୁଲ, ବେଲପତ୍ର, ଦୁବ ଆଦି ପୂଜା ସାମଗ୍ରୀରେ ଭରାଥିବା ଥାଳକୁ ଉଠା ଯାଇଥିଲା। ପରେ ମାତା ପାର୍ବତୀ ଓ ମହାଦେବଙ୍କ ବିବାହ ପ୍ରସ୍ତୁତି କରାଯିବ। ପୂଜା କମିଟି ପକ୍ଷରୁ ତନ୍ମୟ ଧର, ବିନୟ କର, ବିଦ୍ୟାଧର ପଣ୍ଡା, ଆଶିଷ ନାଥ, ତରଣୀ ସେଠ, ପ୍ୟାରେଲାଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କନ୍ୟାପିତା ଭାବେ ଜୀବନ ଧନ୍ୟ ହୋଇଛି ବୋଲି କେଡିଆ କହିଛନ୍ତି। ସେ ଆହୁରି କହିଥିଲେ, ବହୁ ବର୍ଷରୁ ମନରେ ଭାବନା ରହିଥିଲା। ହେଲେ ଚଳିତବର୍ଷ ସୁଯୋଗ ମିଳିଲା।

# 'ନିଜକୁ ସୁରକ୍ଷିତ ରଖି ସହଯୋଗ କର'

ସମ୍ବଲପୁର,୧୮।୫(ବ୍ୟୁରୋ)

ସମ୍ବଲପୁର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଆଲୋଚନା ହୋଇଛି। ଜିଲା ଛାତ୍ର ବିଜେଡି ସଭାପତି ଡ. ସିଦ୍ଧାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରୋହିତ ପୂଜାରୀ, ରାଜ୍ୟ ଛାତ୍ର ବିଜେଡି ଆଇଟି ସେଲ ସଂଯୋଜକ ସୁବ୍ରତ ଛଟେଇ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅଭିନାଶ ଠାକୁର, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଶୁଭ୍ରାଂଶୁ ପାଢୀ ପ୍ରମୁଖ ସାମିଲ ହୋଇଥିଲେ। ଜିଲାରେ କରୋନା ସଂକ୍ରମଣ ଓ କୋଭିଡ୍ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଗ୍ରାମ ଓ ସହରରେ ସମସ୍ୟା ପଚାରି ବୁଝିବାକୁ କୁହାଯାଇଥିଲା। ନିଜକୁ ସୁରକ୍ଷିତ ରଖି ଲୋକଙ୍କୁ ସହଯୋଗ କରିବାକୁ ଉପମୁଖ୍ୟ ସଚେତକ ପୂଜାରୀ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

# ସିସିସିରେ ରୋଗୀଙ୍କୁ ଭେଟିଲେ ପୂର୍ବତନ ବିଧାୟିକା



ସମ୍ବଲପୁର ପୂର୍ବତନ ବିଧାୟିକା ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ।

ସମ୍ବଲପୁର,୧୮।୫(ବ୍ୟୁରୋ)

ସମ୍ବଲପୁର କାଇଣ୍ଟରରେ ଥିବା କୋଭିଡ୍ କେୟାର ସେଣ୍ଟର (ସିସିସି)କୁ ମଙ୍ଗଳବାର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ପରିଦର୍ଶନ କରିଥିଲେ। ସେଠାରେ ସେ ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କିଭଳି ଚିକିତ୍ସା କରାଯାଉଛି, ଡାକ୍ତର ଓ ନର୍ସ ଠିକ୍ ସମୟରେ ଚିକିତ୍ସା ସେବା ଦେଉଛନ୍ତି କି ନାହିଁ, ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଖାଦ୍ୟର ମାନ ଓ ପରିମାଣ ଉପରେ ପଚାରି ବୁଝିଥିଲେ। ଡାକ୍ତର ଅରୁଣ ଦାସଙ୍କ ଓ କାର୍ଯ୍ୟରତ ଟିମ୍ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ବିଜେଡି ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ସର୍ବସାଧାରଣଙ୍କ ପାଇଁ ୯୭୭୪୬୮୦୧୮ ନମ୍ବର ଜାରି କରାଯାଇଛି। ଏ ସମ୍ପର୍କରେ ଡାକ୍ତର ପାଣିଗ୍ରାହୀ କହିଛନ୍ତି, ସିସିସି ପରିଦର୍ଶନ କରି ରୋଗୀ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲୁ। ରୋଗୀମାନେ କୌଣସି ଅଭିଯୋଗ କରି ନ ଥିଲେ। ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତଥାପି ସହଯୋଗ ପାଇଁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। କେଉଁଠି କୋଭିଡ୍ ପରୀକ୍ଷା କରିବେ, କିଭଳି ଚିକିତ୍ସା ହେବେ ପରାମର୍ଶ ଦେବା ସହ ଆମ୍ବୁଲାନ୍ସ ସେବା ଯୋଗାଇଦେବା ବ୍ୟବସ୍ଥା କରାଯାଉଛି।

**ସ୍ୱତନ୍ତ୍ର ଅଫିସ ଖୋଲି ହେଲ୍ପଡେସ୍କ ନମ୍ବର ଜାରି**

# ବେଧଡ଼କ ଚାଲିଛି ଦେଶୀମଦ କାରବାର

କୁତ୍ରା,୧୮।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ଅବକାରୀ ବିଭାଗ ଅଧୀନରେ ଥିବା କୁତ୍ରା ଓ ବଡଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ବେଧଡକ ଭାବେ ଦେଶୀମଦ କାରବାର ଚାଲିଛି। କୁତ୍ରାର ଖଡକୁରବାହାଲ, ଏଲଗା, ବଡମାଲ, ପଞ୍ଚର, ଲତାଲଗା, ଗଙ୍ଗାଜଳ ଓ ବଡଗାଁ ବ୍ଲକର ଟିମନା, ସିଆଁମାଲ, ଜରଙ୍ଗଲୋଇ, ଇତମା, ଫୁଲବାରି, ସାଲେପାଲି, ଗଡଗଡବାହାଲ ଭଳି ଗ୍ରାମାଞ୍ଚଳରେ ଦେଶୀମଦ କାରବାର ବୃଦ୍ଧି ପାଇଛି। ମଦ ବିକ୍ରି ହେଉଥିବା ସ୍ଥାନରେ କୋଭିଡ ନିୟମ ପାଳନ ହେଉ ନ ଥିବାରୁ କରୋନା ରୋଗୀ ସଂଖ୍ୟା ବଢିବାରେ ଲାଗିଛି। ଗତ ଦୁଇମାସ ପୂର୍ବେ କୁତ୍ରା ବ୍ଲକ ରାଜଗାଙ୍ଗପୁର ଅବକାରୀ ବିଭାଗ ଅଧୀନରେ ରହିଥିବା ବେଳେ ମୋବାଇଲ ଟିମ୍ ପକ୍ଷରୁ ଘନଘନ ଚଢାଉ କରାଯାଉଥିଲା। କୁତ୍ରା ବ୍ଲକ ବଡଗାଁ ଅବକାରୀ ବିଭାଗକୁ ଗଲା ପରେ ଚଢାଉ ଦାୟିତ୍ୱ ଜିଲା ମୋବାଇଲ ଟିମ୍ ଅଧୀନରେ ରହିଛି। ଏହି ଟିମ୍ ଚଢାଉ କରୁ ନ ଥିବା ଅଭିଯୋଗ ହେଉଛି। ବଡଗାଁ ଅବକାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଆକ୍ରାନ୍ତ ହୋଇ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାରୁ ମଦ କାରବାର ଲଗାମ ଛଡା ହୋଇଯାଇଛି। ଜିଲା ମୋବଇଲ ଟିମ୍ ଦାୟିତ୍ୱରେ ଥିବା ସତ୍ୟଜିତ୍ ଖଟୁଆଙ୍କୁ ପଚାରିବାରୁ ମଦ କାରବାର ବଢିଥିବା କଥାକୁ ସ୍ୱୀକାର କରିବା ସହିତ ବଡଗାଁ ଅବକାରୀ ଅଧିକାରୀ କରୋନା ପୀଡିତ ଥିବାରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ।

# କିର୍ମିରାରେ ଗଡ଼ିଲା ରାଜସ୍ୱ ରଥ

କିର୍ମିରା,୧୮।୫(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ସାରସପାଳି ଗ୍ରାମରେ ମଙ୍ଗଳବାର ରାଜସ୍ୱ ରଥ ଗଡିଛି। କରୋନା ଯୋଗୁ ଲୋକେ କଟକଣାରେ ରହୁଥିବାବେଳେ ଜମିବାଡି ସମ୍ବନ୍ଧୀୟ ସମସ୍ତ ସେବା ଯୋଗାଇବା ପାଇଁ ତହସିଲଦାର ମୁକୁଟମଣି ଖେସଙ୍କ ସୌଜନ୍ୟରେ ରଥ ପହଞ୍ଚିଥିଲା। ଗ୍ରାମର ବିଶିକେଶନ କୁଜୁରଙ୍କ ସମେତ ଅନ୍ୟ କେତେଜଣଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ତହସିଲଦାର ଖେସଙ୍କ ସମେତ ଅର୍ଡା ରାଜସ୍ୱ ନିରୀକ୍ଷକ ସୁଶ୍ରୀ ପଟେଲ, ସୁପରଭାଇଜର ଅରୁଣ ପଟେଲ ପ୍ରମୁଖ ଲୋକଙ୍କ ଜମିବାଡି ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି କରିଥିଲେ।



ସାରସପାଳି ଗ୍ରାମରେ ପହଞ୍ଚିଥିବା ରାଜସ୍ୱ ରଥ।

# ଶଯ୍ୟାଶାୟୀ, ଦିବ୍ୟାଙ୍ଗଙ୍କୁ ଘରେ ମିଳିବ କୋଭିଡ୍ ଟିକା

ରାଉରକେଲା ଅଫିସ,୧୮।୫

ରାଉରକେଲାରେ କୋଭିଡ ଟିକାଦାନ କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ନିଆଯାଇଛି। ଯେଉଁ ବ୍ୟକ୍ତିମାନେ ଶଯ୍ୟାଶାୟୀ, ଦିବ୍ୟାଙ୍ଗ କିମ୍ବା ଅତ୍ୟନ୍ତ ବାର୍ଦ୍ଧକ୍ୟ କାରଣରୁ ଟିକାକରଣ କେନ୍ଦ୍ରକୁ ଯାଇପାରୁନାହାନ୍ତି ସେମାନଙ୍କୁ ଘରେ ଟିକା ଦିଆଯିବ। ଏଥିପାଇଁ ମଙ୍ଗଳବାର 'ସଞ୍ଜୀବନୀ ରଥ'ର ଶୁଭାରମ୍ଭ କରାଯାଇଛି। ଆର୍‌ଜିଏଚ୍ ପରିସରରେ ସ୍ଥାନୀୟ ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଏହି ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା, ରାଉରକେଲା ଏଡିଏମ୍ ଆବୋଲି ସୁନୀଲ ନରୱଣେ ଓ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ କ୍ଷେତ୍ରରେ ସଞ୍ଜୀବନୀ ରଥ ଗୋଟିଏ ମାଇଲ ଷ୍ଟୋନ ବୋଲି କହିଲେ ଭୁଲ ହେବନାହିଁ । ଏହି ପଦକ୍ଷେପ ଏବେ ସହରର ଶଯ୍ୟାଶାୟୀ, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କହିଛନ୍ତି ବିଧାୟକ ନାୟକ। ସେହିପରି କୋଭିଡ ନିୟନ୍ତ୍ରଣ ପାଇଁ ଏକ ବଡ଼ ପଦକ୍ଷେପ ହେଉଛି ଟିକାକରଣ। ତେଣୁ ଯେଉଁ ବ୍ୟକ୍ତିମାନେ ଶାରୀରିକ ସମସ୍ୟା ପାଇଁ ଟିକାଦାନ କେନ୍ଦ୍ରକୁ ଆସିପାରୁ ନାହାନ୍ତି ସେମାନଙ୍କ ଘରେ ଟିକା ଦେବା ଲାଗି ପ୍ରଶାସନ ଏହି ବ୍ୟବସ୍ଥା କରିଛି। ଲୋକଙ୍କ ଆବଶ୍ୟକତା ଅନୁଯାୟୀ ତଥା ଆଗକୁ ଯେତିକି ଟିକା ଆସୁଥିବ ସେହି ଅନୁଯାୟୀ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମିଶନର ପରିଡା କହିଥିଲେ। ଏହି ଅବସରରେ ରାଉରକେଲା ଏଡିଏମ ଆବୋଲି ସୁନୀଲ ନରୱଣେ କହିଥିଲେ, ଗତବର୍ଷ ସଞ୍ଜୀବନୀ ରଥ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଇଥିଲା। ଏବର୍ଷ ଟିକାକରଣ ବେଳେ ଯେଉଁ ବରିଷ୍ଠ ନାଗରିକମାନେ କେନ୍ଦ୍ରକୁ ଆସିପାରୁ ନାହାନ୍ତି ସେମାନଙ୍କ ଘରେ ପହଞ୍ଚି ଟିକା ଦେବାର ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗମାନେ ମଧ ଏହି ସୁବିଧା ପାଇ ପାରିବେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ ସଞ୍ଜୀବନୀ ରଥ ଟିମ୍ ସହରର ବିଭିନ୍ନ ସ୍ଥାନକୁ ଯାଇ ଘରେ ଥିବା ଶଯ୍ୟାଶାୟୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟିକା ଦେଉଛନ୍ତି। ଏଥିରେ ଜଣେ ଫାର୍ମାସିଷ୍ଟ ଏବଂ ଜଣେ ଏଏନ୍‌ଏମ୍ କର୍ମୀଙ୍କୁ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ, ହିତାଧିକାରୀ କିମ୍ବା ତାଙ୍କ ପରିବାର ଲୋକେ ଏହି ସେବା ପାଇବା ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୪ଟା ଭିତରେ ୦୬୬୧-୨୫୧୦୦୩୬ ନମ୍ବରରେ କଲ୍ କରିପାରିବେ। ଲୋକଙ୍କଠାରୁ କଲ ପାଇବା ପରେ ରାଉରକେଲା ମହାନଗର ନିଗମର ଟେଲି ମେଡିସିନ ଟିମ୍ ତାହାର ଅନୁଧ୍ୟାନ କରି ଯୋଗ୍ୟ ହିତାଧିକାରୀଙ୍କୁ କେଉଁଦିନ ଟିକା ଦିଆଯିବ ତାହାର ବ୍ୟବସ୍ଥା କରୁଛନ୍ତି। ଟିକାଦାନ ପୂର୍ବରୁ ହିତାଧିକାରୀ ବା ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଉଛି। ଟିକାଦାନ ବେଳେ ସଞ୍ଜୀବନୀ ରଥ ଟିମ୍ ହିତାଧିକାରୀମାନଙ୍କ ଆବଶ୍ୟକ ପଞ୍ଜୀକରଣ କରାଉଛନ୍ତି ।




ସଞ୍ଜୀବନୀ ରଥର ଶୁଭାରମ୍ଭ କରାଯାଉଛି।

**ରାଉରକେଲାରେ ସଞ୍ଜୀବନୀ ରଥ ଶୁଭାରମ୍ଭ**

## ଅବକାରୀ ଚଢ଼ାଉ, ମଦ ଜବତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ବିଭାଗ ଚଢ଼ାଉ କରି ବ୍ୟାପକ ଦେଶୀମଦ ଜବତ କରିଛି। ବୀରମହାରାଜପୁର ଓ ସୋନପୁର ଅବକାରୀ ବିଭାଗ ମିଳିତଭାବେ ଖଣ୍ଡହତା ପଞ୍ଚାୟତର ପୁଇପାନ ଓ ଟୁପକାଦାଦରରେ ଚଢ଼ାଉ କରିଥିଲା। ଚଢ଼ାଉରୁ ୫୦ଲିଟର ଦେଶୀ ମଦ ଓ ୫କୁଇଣ୍ଟାଲ ମହୁଲ ଫାଶ ଜବତ କରିଛି। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ୪ଟି ଡ୍ରମ, ଡେକଚି ଜବତ କରାଯାଇଛି। ବୀରମହାରାଜପୁର ଅବକାରୀ ଏସଆଇ ସୁଧୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଏଏସଆଇ କୀର୍ତ୍ତନ ଭୋଇ ଚଢ଼ାଉରେ ସାମିଲ ଥିଲେ।

**ସଂକ୍ଷେପରେ**

## କରୋନା ସଂକ୍ରମିତ ପରିବା ଦୋକାନ ଖୋଲିବାକୁ ନେଇ ଅସନ୍ତୋଷ

ଲୋଇସିଂହା,୧୮।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗାଁ ବସ୍ତିରେ ମଙ୍ଗଳବାର ଜଣେ କରୋନା ସଂକ୍ରମିତ ପରିବା ଦୋକାନ ଖୋଲିବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରଶାସନିକ ଅବହେଳା ଓ ସଂକ୍ରମିତଙ୍କ ବେପରୁଆ ମନୋଭାବ ଯୋଗୁ ଲୋକେ ଅଧିକ ମାତ୍ରାରେ ସଂକ୍ରମିତ ହେବା ଆଶାଙ୍କା ଦେଖାଦେଇଛି। ଗତ ୫ ତାରିଖଠାରୁ ଲକ୍‌ଡାଉନ ଜାରି ରହିଥିବା ବେଳେ ସପ୍ତାହିକ ହାଟ ବନ୍ଦ ରହିଛି । ଏହିକ୍ରମରେ ବୁର୍ଡା ମଧ୍ୟମପଡା ଭଗବତ ମନ୍ଦିରଠାରେ ବୁର୍ଡା ପଞ୍ଚାୟତର ଜଣେ ବ୍ୟକ୍ତି ପରିବା ଦେକାନ ଖୋଲିଥିଲେ। ସେ ସଂକ୍ରମିତ ହୋଇଥିବା ବୁର୍ଡା ଗ୍ରାମବାସୀ ଜାଣିବା ପରେ ପ୍ରତିବାଦ କରିଥିଲେ। ସଂକ୍ରମିତ ହେବାର ୬ଦିନ ବିତିଗଲାଣି, ସୁସ୍ଥ ଲାଗିବାରୁ ଉଠା ଦୋକାନ ଖୋଲିଛି ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ କହିଥିଲେ। ସୂଚନା ପାଇ ଲୋଇସିଂହା ପୋଲିସ ବହୁବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ପରେ ପଳାଇ ଆସିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଅଶୋକ ମିଶ୍ର କହିଛନ୍ତି ଯେ, ଘଟଣା ସମ୍ପର୍କରେ ଖବର ପାଇଛି। ହେଲେ ଅଫିସ ଡ୍ରାଇଭର ସଂକ୍ରମିତ ଥିବାରୁ ଘଟଣାସ୍ଥଳକୁ ଯାଇ ପାରିନାହିଁ। ତେବେ ପୋଲିସକୁ ପଠାଇବା ବ୍ୟବସ୍ଥା କରୁଛି ବୋଲି ସେ କହିଥିଲେ ।

## ଖଡ଼ିଆଳରେ ରାଜସ୍ୱ ରଥ ଶୁଭାରମ୍ଭ



ଖଡ଼ିଆଳ, ୧୮।୫ (ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ରାଜସ୍ୱ ରଥକୁ ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଅତିରିକ୍ତ ତହସିଲଦାର ତପନ କୁମାର ନାୟକ ରଥର ଉଦ୍‌ଘାଟନ କରିଥିଲେ। ଏହି ରଥ ଗାଁକୁ ଗାଁ ପରିକ୍ରମା କରି ରାଜସ୍ୱ ସେବା ଗାଁ ଦାଣ୍ଡରେ ଲୋକଙ୍କ ନିକଟରେ ବହଞ୍ଚାଇବ। ଏହି ଅବସରରେ ପ୍ରଥମେ ଖଡିଆଳ ବ୍ଲକ ଡୁଆଝର ଗ୍ରାମଠାରେ ରଥ ପହଞ୍ଚି ହିତାଧିକାରୀଙ୍କୁ ତାଙ୍କ ଦ୍ୱାର ମୁହଁରେ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଡୁଆଝର ଗ୍ରାମରେ ଜମି ମାଲିକଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ସରକାରଙ୍କ ଏହି ସେବା ପାଇ ଗ୍ରାମବାସୀ ଆନନ୍ଦିତ ଥିବା ଜଣାପଡ଼ିଛି। ଏହାଦ୍ୱାରା ଗ୍ରାମାଞ୍ଚଳବାସୀ ଉପକୃତ ହେବେ ବୋଲି ତହସିଲଦାର କହିଛନ୍ତି।

## ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ତରିଆଙ୍କ ବିୟୋଗରେ ଶୋକ

ବଲାଙ୍ଗୀର ଅଫିସ, ୧୮।୫: କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ସଭାପତି ମଣ୍ଡଳ ସଦସ୍ୟ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଆଇନଜୀବୀ କାର୍ତ୍ତିକ ପ୍ରସାଦ ତରିଆଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ପୂର୍ବତନ ମନ୍ତ୍ରୀ ତରିଆଙ୍କ ବିୟୋଗ କୋସଲ ମୁକ୍ତି ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ତଥା ତାଙ୍କ ବିୟୋଗରେ କୋସଲ ଆନ୍ଦୋଳନରେ ବିଭିନ୍ନ ସାମାଜିକ ଆନ୍ଦୋଳନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର କହିଛନ୍ତି । କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଉପାଧକ୍ଷ ମନୋରଞ୍ଜନ ସିଂ ବରିହା ଓ ମନୋରଞ୍ଜନ ସାହୁ, ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ବିଭୁଦତ୍ତ ମିଶ୍ର, ପ୍ରଶାନ୍ତ ମାଝି, ସମ୍ପାଦକ ମଣ୍ଡଳୀ ସଦସ୍ୟ ଲଳିତ କୁମାର ସାହୁ, ସୁରେନ୍ଦ୍ର ସାହୁ, ରାମଚନ୍ଦ୍ର ଅମାତ, ସୁରେନ୍ଦ୍ର ପଣ୍ଡା, କୋଷାଧକ୍ଷ ପ୍ରମୋଦ ଝାଙ୍କର, ଯୁବ ସଙ୍ଗଠକ ଡୋଳାମଣି ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ପୂର୍ବତନ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଯୁବ କଂଗ୍ରେସ ପୂର୍ବତନ ଜିଲା ସଭାପତି ବିଧୁଭୂଷଣ ତ୍ରିପାଠୀ, ଡମ୍ବରୁଧର ଛତ୍ରିଆ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଟୋକନ ଅବଧି ବୃଦ୍ଧି ଦାବିରେ ଘେରାଉ

ବରଗଡ଼ ଅଫିସ୍,୧୮।୫



କଂଗ୍ରେସ ପ୍ରତିନିଧିଦଳ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଘେରାଉ କରିଛନ୍ତି ।

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ସପ୍ତାହ ପୂରିଛି । ମାତ୍ର ଧାନ ବିକ୍ରିରେ ଆଶାନୁରୂପ ସୁଧାର ଆସିନାହିଁ । ଟୋକନ କଟକଣା ଯୋଗୁ ଚାଷୀମାନେ ଧାନ ବିକ୍ରି କରିବାରେ ଅସୁବିଧା ଭୋଗୁଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଘେରାଉ କରି ଟୋକନ ଅବଧି ବୃଦ୍ଧି ପାଇଁ ଦାବି କରିଥିଲେ। ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ଏବଂ ୨ଦିନ ମଧ୍ୟରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଦାଶ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କଂଗ୍ରେସ ପ୍ରତିନିଧିମାନେ ଘେରାଉରୁ ଓହରିଥିଲେ। ୨ଦିନ ମଧ୍ୟରେ ଟୋକନ ଅବଧି ବୃଦ୍ଧି କରା ନ ଗଲେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଅଚଳ କରି ଦିଆଯିବ ବୋଲି କଂଗ୍ରେସ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି ।

ଧାନ ସଂଗ୍ରହ ପ୍ରକ୍ରିୟାରେ ଗତବର୍ଷ ଟୋକନ ଅବଧି ୩୦ଦିନ ରହିଥିଲା। ଏଥର ଏହାକୁ ୧୫ଦିନ କରାଯାଇଛି। ୧୫ଦିନ ଅବଧିର ପ୍ରଥମ ୧୨ଦିନ ମଧ୍ୟରେ ଧାନ ଅଣା ନ ଗଲେ ପରବର୍ତ୍ତୀ ଦିବସରେ ମଣ୍ଡିକୁ ଆଉ ଧାନ ପୂରାଇ ଦିଆଯିବ ନାହିଁ ବୋଲି ଧାନକ୍ରୟ ସଂସ୍ଥାର କର୍ମଚାରୀମାନେ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କରୋନା କାଳରେ କୃଷି ଶ୍ରମିକ ସଙ୍କଟ ଯୋଗୁ ଧାନ ଅମଳ ବିଳମ୍ବିତ ହୋଇଛି। ବେପାରୀ, ମିଲର୍ସଙ୍କୁ ଫାଇଦା ଏବଂ ଚାଷୀଙ୍କୁ ଶୋଷଣ କରିବା ଉଦ୍ଦେଶ୍ୟରେ ସରକାରୀ କଳ, ମିଲର୍ସ, ବିଭାଗୀୟ ଅଧିକାରୀଙ୍କ ମିଳିଭଗତ୍‌ରେ ଟୋକନ ଅବଧିକୁ ହ୍ରାସ କରାଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଅଭିଯୋଗ କରିଛନ୍ତି। ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଧାନ ଅମଳ କରି ନାହାନ୍ତି। ସେହିପରି ଧାନ ଅମଳ ଚାଲିଥିବାବେଳେ ଟୋକନ ପାଇଥିଲେ ସୁଦ୍ଧା ବାରମ୍ବାର କାଳବୈଶାଖୀ ଯୋଗୁ ଚାଷୀମାନେ ମଣ୍ଡିକୁ ଧାନ ନେଇ ପାରୁନାହାନ୍ତି। ଫଳରେ ସ୍ୱଳ୍ପଦିନର ଟୋକନ ଅବଧି ସରି ଯାଉଛି ଏବଂ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। କରୋନା କାଳରେ ଚାଷୀମାନଙ୍କ ଆର୍ଥିକ ଅବସ୍ଥା ଭୁଷୁଡ଼ି ପଡ଼ିଛି। ଟୋକନ ଆଳରେ ଚାଷୀମାନଙ୍କୁ ଧାନବିକ୍ରିରୁ ବଞ୍ଚିତ କରାଯାଉଥିବାରୁ ସେମାନେ ମାନସିକ ଭାରସାମ୍ୟ ହରାଇ ବସିଥିବା କଂଗ୍ରେସ ଅଭିଯୋଗ କରିଛି। ଫଳରେ ଧାନ ବିକ୍ରି ହେବା ଯାଏ ଟୋକନ ଅବଧିକୁ କାଏମ ରଖାଯିବାକୁ ଦଳ ଦାବି କରିଛି। ଏହି ଦାବି ନେଇ ଜିଲା କଂଗ୍ରେସ ସଭାପତି ମହାନନ୍ଦଙ୍କ ନେତୃତ୍ୱରେ ଦଳୀୟ ନେତା ନିପନ ଦାଶ, ପାଣ୍ଡବ କର୍ଣ୍ଣ, ବ୍ରହ୍ମାନନ୍ଦ ମହାକୁଡ଼, ରଥି କୁମ୍ଭାର, ଗୌରବ ପତି ପ୍ରମୁଖ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଘେରାଉ କରିଥିଲେ।

## କୋଭିଡ୍ ପରିଚାଳନା ସୁବ୍ୟବସ୍ଥିତ କର

ବରଗଡ଼ ଅଫିସ୍,୧୮।୫

ବରଗଡ଼ ଜିଲାରେ କୋଭିଡ୍ ପରିଚାଳନା ଅବ୍ୟବସ୍ଥିତ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଅନଶନକୁ ଓହ୍ଲାଇଥିଲେ। ତେବେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଅନଶନ ଭାଙ୍ଗିଥିଲା। କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଅପରପକ୍ଷେ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଆକ୍ରାନ୍ତମାନେ ପାନୀୟଜଳ ପାଇଁ ହଟହଟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଠିକ୍ ଭାବେ ସୂଚନା ଦିଆଯାଉ ନ ଥିବା, ରାଜ୍ୟ ସରକାର ଓ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାକୁ ସାର୍ବଜନୀନ କରାଯାଉ ନ ଥିବା କିମ୍ବା ସେ ନେଇ ପ୍ରଶାସନ ସଠିକ୍ ସୂଚନା ଦେଉ ନ ଥିବା ଯୋଗୁ ସ୍ଥାନୀୟ ଲୋକେ ସେ ସମ୍ପର୍କରେ ଅନ୍ଧାରରେ ଅଛନ୍ତି ।

ଏଭଳି ଅଭିଯୋଗ ପାଇବା ପରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଙ୍ଗଳବାର ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଫିସକୁ ପହଞ୍ଚିଥିଲେ ଏବଂ ସେଠାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ କୋଭିଡ୍ ପରିଚାଳନାର ସମୀକ୍ଷା କରିଥିଲେ। କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ନେଇ ବାରମ୍ବାର ଅଭିଯୋଗ ଆସୁଥିବା ଯୋଗୁ ତାକୁ ସୁବ୍ୟବସ୍ଥିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ସେମାନେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କୋଭିଡ୍ ପରିଚାଳନା ପାଇଁ ଏକ ଟେକ୍ନିକାଲ ଟିମ୍ ଗଠନ କରି କୋଭିଡ୍ ହସ୍ପିଟାଲ ଗୁଡ଼ିକରେ ଦୈନିକ ଭର୍ତ୍ତି, ଡିସ୍‌ଚାର୍ଜ ହେଉଥିବା ଆକ୍ରାନ୍ତଙ୍କ ଉପରେ ଲୋକଙ୍କୁ ସୂଚନା ଦେବା, ରାଜସ୍ୱ ଅଧିକାରୀ, ଡାକ୍ତରଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରି ଘରୋଇ ହସ୍ପିଟାଲଗୁଡ଼ିକୁ ଅତର୍କିତ ପରିଦର୍ଶନ ସହିତ କୋଭିଡ୍ ଆକ୍ରାନ୍ତଙ୍କଠାରୁ ନେଉଥିବା ଚିକିତ୍ସା ଖର୍ଚ୍ଚର ଅଡ଼ିଟ୍ କରିବା, ସେଠାରେ ଚାଲିଥିବା ଚିକିତ୍ସା ବ୍ୟବସ୍ଥାର ଯାଞ୍ଚ, ପ୍ରତ୍ୟେକ କୋଭିଡ୍ ହସ୍ପିଟାଲରେ ଆକ୍ରାନ୍ତମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ସହିତ ଫୋନରେ କଥାବାର୍ତ୍ତା କରାଇବା ବ୍ୟବସ୍ଥା କରିବାକୁ ମଧ୍ୟ ବିଧାୟକ ଓ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟ ସରକାର ଓ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ରାଜ୍ୟ ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରୁଥିବାରୁ ଏ ନେଇ ତୁରନ୍ତ ପ୍ରେସ ରିଲିଜ୍ ଜାରି କରିବା ପାଇଁ ବିଧାୟକ ଓ ଏମ୍‌ପି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

## ଟିକା ନ ଦେଇ ଟିକାକରଣ ସାର୍ଟିଫିକେଟ୍

ବିଜେପୁର,୧୮।୫(ଡି.ଏନ.ଏ)



Ministry of Health & Family Welfare
Government of India
Provisional Certificate for COVID-19 Vaccination - 1st Dose
Beneficiary Details
Beneficiary Name: BRUNDA MEHER
Age: 71
Gender: Female
ID Verified: Aadhaar # XXXXXXXX2680
Unique Health ID (UHID)
Beneficiary Reference ID: 65454920299080
Vaccination Details
Vaccine Name: COVISHIELD
Date of Dose: 29 Apr 2021 (Batch no. 4120Z010)
Next due date: Between 27 May 2021 and 24 Jun 2021
Vaccinated by: NIRUPAMA RANA
Vaccination at: KHARMUNDA PHC, Bargarh, Odisha
Together, India will defeat COVID-19
COWIN

ଟିକାକରଣ ସାର୍ଟିଫିକେଟ୍‌ର ନକଲ।

କୋଭିଡ୍ ଟିକା ପାଇଁ ଅନ୍‌ଲାଇନ ରେଜିଷ୍ଟ୍ରେଶନ କରିବା ପରେ ଟିକା ନ ନେଇ ମଧ୍ୟ ହିତାଧିକାରୀଙ୍କ ନାମରେ ଟିକାକରଣ ପ୍ରମାଣପତ୍ର ଇସ୍ୟୁ ହେଉଛି। ବରଗଡ଼ ଜିଲା ବିଜେପୁର ଅଞ୍ଚଳରେ ଏଭଳି ଘଟଣା ଏବେ ପଦାକୁ ଆସିଛି ।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୭ତାରିଖରେ ବିଜେପୁର ବ୍ଲକ ଖରମୁଣ୍ଡା ଗ୍ରାମର ସମାରୀ ମେହେର(୭୭), ବୃନ୍ଦା ମେହେର(୭୧) ଟିକା ପାଇଁ ଅନ୍‌ଲାଇନ ରେଜିଷ୍ଟ୍ରେଶନ କରିଥିଲେ । ସେହି ମାସ ୨୯ତାରିଖରେ ସେମାନଙ୍କ ମୋବାଇଲକୁ ପୃଥକ ଭାବେ ଏସ୍‌ଏମ୍‌ଏସ୍ ଆସିଥିଲା। ସେଥିରେ ସେହିଦିନ (ଏପ୍ରିଲ ୨୯ତାରିଖ) ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନେ କୋଭିଡ୍ ଟିକା(କୋଭିସିଲଡ୍) ନେଇଥିବା ଲେଖା ଯାଇଛି। ଏହା ସହିତ ମେ ୨୭ରୁ ଜୁନ୍ ୨୪ତାରିଖ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବା ପାଇଁ ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ସେହି ଲିଙ୍କ୍‌କୁ ପୁଣି ଖୋଲିବା ପରେ ସେମାନେ ଟିକା ନେଇଥିବା ପ୍ରମାଣପତ୍ର ଇସ୍ୟୁ ହୋଇଛି ଏବଂ ନିରୁପମା ରଣା ତାଙ୍କୁ ଟିକା ଦେଇଥିବା ସେଥିରେ ଉଲ୍ଲେଖ ରହିଛି। ଅନ୍ୟପଟେ ଗତ ଏପ୍ରିଲ ୨୯ତାରିଖରେ ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦୌ ଟିକାକରଣ ହୋଇନାହିଁ କି ତାଙ୍କ ମା' ବୃନ୍ଦା ଓ ବଡ଼ ମା' ସମାରୀଙ୍କୁ ଏପର୍ଯ୍ୟନ୍ତ ଟିକା ଦିଆଯାଇ ନ ଥିବା ପୁରନ ମେହେର କହିଛନ୍ତି । ଏ ସମ୍ପର୍କରେ ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ସୁଶାନ୍ତ ମେହେରଙ୍କୁ ପଚାରିବାରୁ ଟେକ୍ନିକାଲ ପ୍ରୋବ୍ଲେମ ଯୋଗୁ ସେଭଳି ହୋଇଛି। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ସେମାନଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି କହିଥିଲେ।

## ବୁଦାମୂଳରୁ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୧୮।୫

କରୋନା କାଳରେ ମାନବିକତା ହଜିଯାଇଛି। ଏଭଳି ଏକ ଘଟଣା ମଙ୍ଗଳବାର ବରଗଡ଼ ଜିଲା ଭଟଲି ଅଞ୍ଚଳରେ ଦେଖିବାକୁ ମିଳିଛି। ଏକ ବୁଦାମୂଳରେ ମୃତଦେହ ପଡ଼ି ରହିବା ଏବଂ ସେଥିରେ ପିମ୍ପୁଡ଼ି ଲାଗିଯିବା ଭଳି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ୫୦ରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ମୃତଦେହକୁ ଲୋକ ଦେଖିବା ସତ୍ତ୍ୱେ ଉଦ୍ଧାର କରିବାକୁ ଯାଇ ନ ଥିଲେ। ଖବର ପାଇ ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସେଠାକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବର୍ତ୍ତମାନ ବରଗଡ଼ର ଶବ ସଂରକ୍ଷଣ ଗୃହରେ ତାକୁ ରଖାଯାଇଛି ।

## କୃଷକ ନେତା ସୁଧୀର ପରିଚ୍ଛାଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୮।୫



ସୁଧୀର କୁମାର ପରିଚ୍ଛା ।

ବଲାଙ୍ଗୀରର ଜଣାଶୁଣା ଚାଷୀନେତା ତଥା ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା(୭୦)ଙ୍କ ହାଇଦ୍ରାବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ପରଲୋକ ଘଟିଛି। ଗତବର୍ଷ ସେ କରୋନା ଆକ୍ରାନ୍ତ ହୋଇ ଆରୋଗ୍ୟ ଲାଭ କରିଥିଲେ ମଧ ତାଙ୍କର କୋଭିଡ ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ଯକୃତରେ ସମସ୍ୟା ରହିଥିବା ଜଣାପଡିବା ପରେ ହାଇଦ୍ରାବାଦ୍‌ର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଯକୃତ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ପୁତ୍ର ଅଂଶୁମାନ ତାଙ୍କୁ ଯକୃତ ଦାନ କରିଥିଲେ। ଅସ୍ତ୍ରୋପଚାର ସଫଳ ମଧ ହୋଇଥିଲା । ତେବେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଯାଇଥିଲା। ତାଙ୍କ ସ୍ତ୍ରୀ ମମତା, ପୁତ୍ର ଅଂଶୁମାନ ଓ ଝିଅ ଅଙ୍କିତା, ଭାଇ-ଭାଇବୋହୂ ଅଛନ୍ତି। ୧୬ ସେପ୍ଟେମ୍ବର ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିବା ପରିଚ୍ଛା ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜରୁ ଆୟୁର୍ବେଦ ଡାକ୍ତର ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରି କଂଗ୍ରେସ ଦଳରେ ସକ୍ରିୟ ରହିଥିଲେ। ଜିଲାରେ ଚାଷୀ ଆନ୍ଦୋଳନକୁ ସଙ୍ଗଠିତ କରି ପ୍ରାୟ ୩୦ବର୍ଷରୁ ଉର୍ଦ୍ଧ୍ୱ ହେଲା ସେ ଚାଷୀ ସମସ୍ୟାକୁ ଲୋକଲୋଚନକୁ ଆଣୁଥିଲେ। ଜିଲାର ମରୁଡି ସମସ୍ୟା, ଜଳସେଚନ, ଅଭାବୀ ଧାନବିକ୍ରି, ଚାଷୀ ଆତ୍ମହତ୍ୟା ଘଟଣାକୁ ରାଜ୍ୟ ସ୍ତରରେ ଉପସ୍ଥାପିତ କରିଆସୁଥିଲେ । ଜିଲାରେ ଲୋୟର ସୁକ୍‌ତେଲ ଡ୍ୟାମ ପ୍ରତିଷ୍ଠା ପାଇଁ ୨୦୦୨ ମସିହାରୁ ସେ ଆନ୍ଦୋଳନ ଆରମ୍ଭ କରିଥିଲେ। ଜଣେ ଆଗଧାଡିର ନେତା ଭାବେ ଜିଲାର ବିଭିନ୍ନ ଆନ୍ଦୋଳନ ଓ ପ୍ରଗତିଶୀଳ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ହାଇଦ୍ରାବାଦ୍‌ରୁ ବଲାଙ୍ଗୀର ଅଣାଯାଉଛି ।

### କୃଷକ ସମାଜ ପାଇଁ ଏକ ବଡ କ୍ଷତି: ନରସିଂହ

ବଲାଙ୍ଗୀର ଅଫିସ, ୧୮।୫

ବିଶିଷ୍ଟ କୃଷକ ନେତା ଡା. ସୁଧୀର କୁମାର ପରିଚ୍ଛାଙ୍କ ଅସମୟ ବିୟୋଗ ଜିଲା ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଧାୟକ ନରସିଂହ ମିଶ୍ର କହିଛନ୍ତି । ବ୍ୟକ୍ତିଗତ ଭାବରେ ସୁଧୀରଙ୍କ ଅସମୟ ବିୟୋଗ ବ୍ୟଥିତ କରିଛି ବୋଲି ବିଧାୟକ ମିଶ୍ର ତାଙ୍କ ଶୋକବାର୍ତ୍ତାରେ ଜଣାଇଛନ୍ତି । ଗାଁରୁ ସହର ପର୍ଯ୍ୟନ୍ତ ଜିଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କୃଷକମାନଙ୍କ ନ୍ୟାଯ୍ୟ ହକ୍ ପାଇଁ ଅନବରତ ଲଢେଇ କରି ଚାଷୀ ସମାଜକୁ ସେ ସଙ୍ଗଠିତ କରିଥିଲେ । ତାଙ୍କ ପରିବାରବର୍ଗଙ୍କୁ ବିଧାୟକ ମିଶ୍ର ଗଭୀର ସମବେଦନା ଜଣାଇଛନ୍ତି ।

## ବୀମାରାଶି ପାଇବା ପାଇଁ ଅନୁରୋଧ ପତ୍ର ପ୍ରଦାନ

କର୍ଲାମୁଣ୍ଡା, ୧୮।୫ (ଡି.ଏନ.ଏ.)



ଚାଷୀ ପ୍ରତିନିଧି ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଅନୁରୋଧପତ୍ର ପ୍ରଦାନ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଓ ସରଗୁଲମାଲପଡାର ଚାଷୀମାନଙ୍କୁ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ କର୍ଲାମୁଣ୍ଡା ତହସିଲଦାରଙ୍କ ଜରିଆରେ ମଙ୍ଗଳବାର ଏକ ଅନୁରୋଧପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, କର୍ଲାମୁଣ୍ଡା ବ୍ଲକରେ ଗତ ୨୦୨୦ ଖରିଫ ଧାନଚାଷ ବର୍ଷା ଅଭାବ ହେତୁ କ୍ଷତି ଗ୍ରସ୍ତ ହୋଇଥିଲା। ଏଥିପାଇଁ ଚାଷୀମାନେ ଫସଲ ବୀମା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ବୀମାରାଶି ପାଇ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ବୀମାରାଶିକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ରିଞ୍ଜା ଓ ସରଗୁଲପାଲପଡାର ଅଧିକାଂଶ ଚାଷୀଙ୍କ ଆକାଉଣ୍ଟରେ ସର୍ବନିମ୍ନ ୨ ଟଙ୍କାରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ବୀମା କମ୍ପାନୀ ପକ୍ଷରୁ ଜମା କରାଯାଇଛି। ଏ ଦିଗରେ ତଦନ୍ତ କରି ପୁର୍ନବିଚାର କରିବା ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅନୁରୋଧପତ୍ର ପ୍ରଦାନ କରାଯାଇଛି।

## ବିଦ୍ୟୁତ୍ ବିଭ୍ରାଟ, ଉପଭୋକ୍ତା ହଟହଟା

ବିନିକା,୧୮।୫(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗତ ୧୦ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ସାମାନ୍ୟ ବର୍ଷା, ପବନ ହେଲେ ବିଦ୍ୟୁତ୍ କଟ୍ ହେଉଛି। ବିଭାଗୀୟ କର୍ମଚାରୀଙ୍କୁ ପଚାରିଲେ ଫଲ୍ଟ ବିଶାଳପାଲି ଏବଂ ବିନିକା ଫିଡରରେ ହେଉଥିବା କହୁଛନ୍ତି। କିଛିଦିନ ତଳେ ବିନିକାରେ କାଳବୈଶାଖୀ ବର୍ଷା, ପବନ ହୋଇଥିଲା। କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ତାର ଛିଣ୍ଡି ସରବରାହ ବନ୍ଦ ହୋଇଯାଇଥିଲା। ଦିନକ ପରେ ସରବରାହ ସ୍ୱାଭାବିକ ହୋଇଥିଲା। ଏସବୁ ସତ୍ତ୍ୱେ ବିଦ୍ୟୁତ୍ ବିତରଣ କମ୍ପାନୀ ଉପଭୋକ୍ତାଙ୍କଠାରୁ ମାସିକ ଦେୟ ଆଦାୟରେ କଠୋର ହେଉଥିବା ଦେଖିବାକୁ ମିଳୁଛି। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମାସ୍କ ନ ପିନ୍ଧି ତହସିଲଦାର ଫାଇନ କାଟିବା ଭିଡିଓ ଭାଇରାଲ

ବଲାଙ୍ଗୀର ଅଫିସ, ୧୮।୫

କୋଭିଡ ଗାଇଡଲାଇନ୍ ପାଳନ ଓ ଉଲ୍ଲଂଘନକାରୀଙ୍କୁ ସାବାଡ କରିବା ଦିଗରେ ସ୍ଥାନୀୟ ପ୍ରଶାସନକୁ ବିଭିନ୍ନ କ୍ଷମତା ଅର୍ପଣ କରାଯାଇଛି। ଯେଉଁ ଦୋକାନୀ, ସାଧାରଣ ଲୋକ କୋଭିଡ ଗାଡଲାଇନ୍ ଉଲ୍ଲଂଘନ କରୁଛନ୍ତି ସେମାନଙ୍କୁ ଅଫିସରମାନେ ଫାଇନ୍ କାଟି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ତେବେ ଗତ ୧୭ତାରିଖ କୋଭିଡ ଗାଇଡଲାଇନ୍ ଉଲ୍ଲଂଘନ କରୁଥିବା ଟିଟିଲାଗଡ ଜଣେ ଦୋକାନୀଙ୍କୁ ଫାଇନ୍ କାଟିବା ବେଳେ ସ୍ଥାନୀୟ ତହସିଲଦାର ପ୍ରେମଲାଲ ହିଆଲ ନିଜେ ମାସ୍କ ପିନ୍ଧି ନ ଥିବା ଭିଡିଓ ଭାଇରାଲ ହୋଇଛି । ଏ ସମ୍ପର୍କରେ ତହସିଲଦାର ହିଆଲଙ୍କୁ ପଚାରିବାରୁ ଟିଟିଲାଗଡର ଏକ ବେକାରୀ ଉପରେ ଚଢାଉ କରାଯାଇଥିଲା । କରୋନା ଗାଇଡ ଲାଇନ ଉଲ୍ଲଂଘନ ଅଭିଯୋଗରେ ୩ହଜାର ଟଙ୍କା ଜରିମାନା କରାଯାଇଥିଲା। ସେଠାରେ କଥାବାର୍ତ୍ତାବେଳେ ମାତ୍ର ୧୫ସେକେଣ୍ଡ ପାଇଁ ସେ ମାସ୍କ ଖୋଲିଥିଲେ। ଏହି ସମୟରେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ସମ୍ପୃକ୍ତ ଦୋକାନୀ ଭାଇରାଲ କରି ଦେଇଥିବା ସେ କହିଛନ୍ତି।



ଭାଇରାଲ ହୋଇଥିବା ଭିଡିଓ ଫଟୋ।

# ବର୍ଷାରେ ଛାତରୁ ଖସି ପଡୁଛି ସିମେଣ୍ଟ

କେସିଙ୍ଗା, ୧୮।୫ (ଡି.ଏନ.ଏ.)





ଛାତରୁ ସିମେଣ୍ଟ ଖସିପଡ଼ିଛି(ବାମ) । ବିପଦସଙ୍କୁଳ ଅବସ୍ଥାରେ ଥିବା ବାଲସି ସ୍ୱାସ୍ଥ୍ୟକେନ୍ଦ୍ର।

**ବାଲସି ସ୍ୱାସ୍ଥ୍ୟକେନ୍ଦ୍ର**
- ୩ବର୍ଷ ହେଲା ବିପଦସଙ୍କୁଳ ଅବସ୍ଥାରେ
- ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ବିପଦ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାଲସି ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୩ବର୍ଷ ହେଲା ବିପଦସଙ୍କୁଳ ଅବସ୍ଥାରେ ଗତି କରୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ୧୯୯୯-୨୦୦୦ରେ ପିଡବ୍ଲୁଡି ବିଭାଗ ପକ୍ଷରୁ ୭ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୁଇଟି ବେଡ଼, ରୋଷେଇ ଘର, ଶୌଚାଳୟ, ଗାଧୋଇବା ଘର ସହିତ କାର୍ଯ୍ୟାଳୟ ଓ ବାରଣ୍ଡା ରହିଛି। ବିଲ୍ଡିଙ୍ଗ ନିମ୍ନମାନର କାମ ଯୋଗୁ ଅଳ୍ପ ବର୍ଷା ହେଲେ ଉକ୍ତ କେନ୍ଦ୍ରର ଅଫିସ, ବାରଣ୍ଡା ଓ ଶୋଇବା ଘର ଛାତ ଉପରୁ ସିମେଣ୍ଟ ଖଣ୍ଡ ଖସିପଡୁଛି। ଗତ ବୁଧବାର, ଗୁରୁବାର ଦୁଇ ଦିନ ଧରି ବର୍ଷା ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ କୋଠରୀରେ ଛାତ ଖସି ପଡ଼ିଥିଲା। ୨୦୧୯ଠାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେମେଜ ହୋଇଛି ବୋଲି ସ୍ୱାସ୍ଥ୍ୟକର୍ମୀ ପାଷ୍ଟିକୁଡି ମେଡିକାଲ ଅଫିସରଙ୍କୁ ଲିଖିତ ଜଣାଇଛନ୍ତି ଏବଂ ମରାମତି ପାଇଁ ୩ଥର ଲିଖିତ ଅଭିଯୋଗ ମଧ କରିଛନ୍ତି। ତତ୍କାଳୀନ ମେଡିକାଲ ଅଫିସର ଏଥିପାଇଁ ଦୃଷ୍ଟି ଦେଇ ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିପଦସଙ୍କୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବା ପାଇଁ ସୁରକ୍ଷିତ ନ ମଣି ସ୍ୱାସ୍ଥ୍ୟକର୍ମୀ ଜଣକ ଗତ କିଛି ଦିନ ହେଲା ଏଠି ନ ରହି କେସିଙ୍ଗାରୁ ଯିବାଆସିବା କରୁଛନ୍ତି। ମହାମାରୀ କୋରନା ସମୟରେ ସ୍ୱାସ୍ଥ୍ୟ କର୍ମୀ ଜଣକ ଘର ଘର ବୁଲି ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ନିଦାବିଷ୍ଣୁ ସାଜିଛନ୍ତି। ଏହି କେନ୍ଦ୍ରରେ ୨୦୦୫ରୁ ଖିତିସୁତା ହାତୀ ନାମକ ଜଣେ ସ୍ୱାସ୍ଥ୍ୟକର୍ମୀ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପାଷ୍ଟିକୁଡି ମେଡିକାଲ ଅଫିସର ଡ. ଶାନ୍ତନୁ କୁମାର ଜେନାଙ୍କ ପଚାରିବାରୁ ମୁଁ ଛୁଟିରେ ଅଛି। ମୁଁ ନିଜେ ଯାଇ ଦେଖିବି, ଯଦି ମରାମତି ହେବ କରାଯିବ। ନଚେତ ନୂତନ ବିଲ୍ଡିଙ୍ଗ ପାଇଁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ।